# Worksheet Ch-4

## ସନ୍ଧ୍ୟା

୧ ଅପଠିତାଂଶଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।

ମହାମହିମ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ପ୍ରତିବର୍ଷ ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ପାଳିତ ହୁଏ। ଏହା ପୃଥିବୀ ପ୍ରସିଦ୍ଧ। ଏହାକୁ ଶ୍ରୀଗୁଣ୍ଡିଚା ଯାତ୍ରା ବା ଘୋଷଯାତ୍ରା ମଧ୍ୟ କୁହାଯାଏ। ଏହି ଯାତ୍ରାରେ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ତିନୋଟି ରଥରେ ବସି ବଡ଼ଦାଣ୍ଡରେ ଯାତ୍ରା କରନ୍ତି। ଏହା ବିଶ୍ୱମାନବର ଜୟଯାତ୍ରା। ଏହା ଉତ୍କଳୀୟ ସଂସ୍କୃତିର ଗର୍ବଗୌରବର ପ୍ରତୀକ। ସର୍ବଧର୍ମ ସମନ୍ୱୟ ଓ ଜାତିଭେଦର ନିରାକରଣ ରଥଯାତ୍ରାର ଅନ୍ୟତମ ମହତ୍ତ୍ୱ। ଏହା ଆମକୁ ସାମ୍ୟ, ମୈତ୍ରୀ ଓ ଭ୍ରାତୃଭାବ ଶିକ୍ଷା ଦେଇଥାଏ।

ପ୍ର) ପ୍ରତିବର୍ଷ କେଉଁ ଠାକୁରଙ୍କର ରଥଯାତ୍ରା ପାଳନ କରାଯାଉଥାଏ ?

ଉ) ପ୍ରତିବର୍ଷ ମହାମହିମ ଜଗତର ନାଥ ଶ୍ରୀଜଗନ୍ନାଥ ଠାକୁରଙ୍କର ରଥଯାତ୍ରା ପାଳନ କରାଯାଉଥାଏ।

ପ୍ର) ଏହି ରଥଯାତ୍ରା କେଉଁ ତିଥିରେ ପାଳିତ ହୁଏ?

ଉ) ଏହି ରଥଯାତ୍ରା ପ୍ରତିବର୍ଷ ଆଷାଢ଼ ମାସ ଶୁକ୍ଲପକ୍ଷ ଦ୍ୱିତୀୟ ତିଥିରେ ପାଳିତ ହୁଏ।

ପ୍ର) ଏହି ଯାତ୍ରାରେ କଣ ହୁଏ ?

ଉ) ଏହି ଯାତ୍ରାରେ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ତିନୋଟି ରଥରେ ବସି ବଡ଼ଦାଣ୍ଡରେ ଯାତ୍ରା କରନ୍ତି। ଏହା ବିଶ୍ୱମାନବର ଜୟଯାତ୍ରା।

(ଘ) ଏହି ଯାତ୍ରାର ଆଉ କ'ଣ ମହତ୍ତ୍ୱ ଅଛି ?

(ଉ) ଏହି ଯାତ୍ରା ହେଉଛି ଆମ ଉତ୍କଳୀୟ ସଂସ୍କୃତିର ଗର୍ବଗୌରବର ପ୍ରତୀକ । ସର୍ବଧର୍ମ ସମନ୍ୱୟ ଓ ଜାତିଭେଦର ନିରାକରଣ ରଥଯାତ୍ରାର ଅନ୍ୟତମ ମହତ୍ତ୍ୱ ।

(ଙ) ଏହି ଘୋଷଯାତ୍ରା ଆମକୁ କ'ଣ ଶିକ୍ଷା ଦେଇଥାଏ ?

(ଉ) ଏହି ଘୋଷଯାତ୍ରା ଆମକୁ ସାମ୍ୟ, ମୈତ୍ରୀ ଓ ଭ୍ରାତୃଭାବ ଶିକ୍ଷା ଦେଇଥାଏ ।

(୨) ଶୂନ୍ୟସ୍ଥାନ ପୂରଣ କର ।

(କ) ଅସ୍ତ ହେଲେ <u>ଦିନମଣି</u> ହେଲା ଦିନ ଶେଷ ।

(ଖ) <u>ଧୂଳି</u> ଉଡ଼ାଇଣ ଧାଡ଼େ କରି ଧୂମ୍ବା ରଡ଼ି ।

ଗ) ଧୂଳିଜାମ ଯାରି ଚଷା ମହା ଆନନ୍ଦରେ ।

ଘ) ଦିନ-ଶ୍ରମ ଅନ୍ତେ ବସି ନିଜ ନିଜ ଘରେ ।

ଙ) ତାହାର ପରଶେ ଏବେ ମୁଦିଲେ ନୟନ ।

ଖ) ବିଷୟବସ୍ତୁ ସମ୍ପର୍କିତ ପ୍ରଶ୍ନୋତ୍ତର ।

କ) "ଧୂଳିଜାମ ଯାରି ଚଷା ମହାଆନନ୍ଦରେ

ନାନାରଙ୍ଗେ ଗୀତଗାଇ ବାହୁଡ଼ନ୍ତି ଘରେ" ।

(i) ଏହି ପଦଟି କେଉଁ ବିଷୟରୁ ଆସିଅଛି ?

(ଉ) ଏହି ପଦଟି "ସନ୍ଧ୍ୟା" ବିଷୟରୁ ଆସିଅଛି ।

(ii) କେତେବେଳେ ଚାଷୀ ମହାଆନନ୍ଦରେ ଘରକୁ ଫେରେ ?

(ଉ) ସନ୍ଧ୍ୟାହେଲେ ଚାଷୀ ଧୂଳିଜାମ ଯାରି, ମହାଆନନ୍ଦରେ ନାନାରଙ୍ଗେ ଗୀତଗାଇ ଘରକୁ ଫେରେ ।

(ଖ) "ଦିନ ଶ୍ରମ ଅନ୍ତେ ବସି ନିଜ ନିଜ ଘରେ
ବିଶ୍ରାମ ଲୋଡ଼ନ୍ତି ସର୍ବେ ଆକୁଳ ଅନ୍ତରେ"

(i) ଏହି ପଦଟିରେ କେଉଁବେଳେ ଲୋକମାନେ ବିଶ୍ରାମ ଲୋଡ଼ନ୍ତି ବୋଲି କୁହାଯାଉଛି ?

(ଉ) ଏହି ପଦଟିରେ ଲୋକମାନେ ସନ୍ଧ୍ୟା ବେଳେ ବିଶ୍ରାମ ଲୋଡ଼ନ୍ତି ବୋଲି କୁହାଯାଉଛି ।

(ii) ଲୋକମାନେ କାହିଁକି ବିଶ୍ରାମ ଲୋଡ଼ନ୍ତି ?

(ଉ) ସାରା ଦିନର ପରିଶ୍ରମ ପରେ ନିଜର ଥକ୍କା ମେଣ୍ଟାଇବା ପାଇଁ ଲୋକମାନେ ବିଶ୍ରାମ ଲୋଡ଼ନ୍ତି ।

(iii) ସନ୍ଧ୍ୟା ସମୟରେ ଲୋକମାନେ କେଉଁଠି ରହିବାକୁ ଭଲପାଆନ୍ତି ?

(ଉ) ସନ୍ଧ୍ୟା ସମୟରେ ଲୋକମାନେ ନିଜନିଜ ଘରେ ରହିବାକୁ ଭଲପାଆନ୍ତି ।

(୪) ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

(କ) ଦିନ କେତେବେଳେ ଶେଷ ହୋଇଥାଏ ?

(ଉ) ସୂର୍ଯ୍ୟ ଅସ୍ତ ହେଲେ ଦିନ ଶେଷ ହୋଇଥାଏ ।

(ଖ) ଟୋକା ଭାଇ କେମିତି ଘରକୁ ଫେରେ ?

(ଉ) ଟୋକାଭାଇ ଦିନକାମ ସାରି ମହାଆନନ୍ଦରେ ନାନାରଙ୍ଗର ଗୀତ ଗାଇ ଘରକୁ ଫେରେ ।

(ଗ) ସନ୍ଧ୍ୟା ହେଲେ କେଉଁ କେଉଁ ସ୍ଥାନରେ ଅନ୍ଧାର ଘୋଟିଯାଏ ?

(ଉ) ସୂର୍ଯ୍ୟ ଅସ୍ତ ହେଲେ ଜଳ, ସ୍ଥଳ, ପର୍ବତ ଓ କାନନ ଏହି ସବୁ ସ୍ଥାନରେ ଅନ୍ଧାର ଘୋଟିଯାଏ ।

(ଘ) ଦିନରେ କଣ ଭାଙ୍ଗିଯାଉଛି ?

(ଉ) ଦିନରେ ଗହଳ ଚହଳ ଭାଙ୍ଗିଯାଉଛି ।

(ପ୍ର) କାହାର ପରଶରେ ନରନାରୀଗଣ ମୁଦିବେ ନୟନ ?

(ଉ) ନିଦ୍ରାର ପରଶରେ ନରନାରୀଗଣ ମୁଦିବେ ନୟନ ।

(୪) ତଳେ ଦିଆଯାଇଥିବା ଶବ୍ଦକୁ ନେଇ ବାକ୍ୟ ଗଠନ କର ।

(କ) ନୟନ - <u>ନୟନ</u> ଦ୍ୱାରା ପ୍ରକୃତିର ସୁନ୍ଦର ସବୁଜିମାକୁ ଆମେ ଦେଖିପାରୁ ।

(ଖ) ଗଗନ - ପ୍ରତିଦିନ ରାତିରେ ତାରାମାନେ <u>ଗଗନ</u>ରେ ଉଦୟ ହୁଅନ୍ତି ।

(ଗ) ବିଶ୍ରାମ - ଦିନରେ ଶ୍ରମ କରି ଲୋକମାନେ ନିଜ ନିଜ ଘରେ <u>ବିଶ୍ରାମ</u> ନିଅନ୍ତି ।